ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଜୁନ୍, ୨୦୨୧

## ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ପାରାଦୀପ/କୁଜଙ୍ଗ, (ସ୍ୱ.ପ୍ର./ଡି.ଏନ୍.ଏ.)- ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କୁଜଙ୍ଗ ବଜାରରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଅଭିଯୁକ୍ତ ବ୍ୟବସାୟୀ ଅକ୍ଷୟ କୁମାର ନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୫/୨୧) ରୁଜୁ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ ରୁ ୫ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ଗୋଚର ଜମିରୁ ବେଆଇନ ମାଟି ଉଠାଣ
### ତହସିଲଦାରଙ୍କୁ ଅଭିଯୋଗ

**ତିର୍ତ୍ତୋଲ,୧୮।୬ (ଡି.ଏନ.ଏ.):** ତିର୍ତ୍ତୋଲ ତହସିଲ ଅଧୀନ ତରଜଙ୍ଗା ପଞ୍ଚାୟତ ମଠସାହି ଗ୍ରାମର ଗୋଚର ଜମିରୁ ବେଆଇନ ମାଟି ଉଠାଣକୁ ନେଇ ଶୁକ୍ରବାର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହି ଗ୍ରାମର ସଂରକ୍ଷିତ ଗୋଚର ଜମିର ପ୍ଲଟ ନଂ.୬୭୯ରେ ମାଟି ମାଫିଆମାନେ ରାତିରେ ଜେସିବି ସାହାଯ୍ୟରେ ମାଟି ଖୋଳି ଟ୍ରାକ୍ଟରରେ ନେଇ ବାହାରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ଗ୍ରାମର ଗୋ ଚାରଣ ପାଇଁ ଆଗାମୀ ଦିନରେ ସମସ୍ୟା ହେବାର ଆଶଙ୍କା ରହିଛି। ଏନେଇ ଉକ୍ତ ଜମିରୁ ବେଆଇନ ମାଟି ଉଠାଣ ବନ୍ଦ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ତରଜଙ୍ଗା ଯୁବକ ସଂଘର ସଦସ୍ୟ ଓ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି।

### କରୋନାରେ ପୂର୍ବତନ ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

**ବାଲିଆ, ୧୮।୬:** ବିରିଡି ବ୍ଲକ ଦରଡା ପଞ୍ଚାୟତର ପୂର୍ବତନ ସଭାପତି ଝରେନ୍ଦ୍ର ପାତ୍ର(୮୦)ଙ୍କ ଶୁକ୍ରବାର କରୋନାରେ ପରଲୋକ ଘଟିଛି। ଗତ ୨ ଦିନ ତଳେ ସେ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ କଟକସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଝରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ସେ ଜଣେ ସାମାଜିକକର୍ମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବିଧାୟକ ବିଜୟ ଶଙ୍କର ଦାସଙ୍କ ସମେତ ପଞ୍ଚାୟତ ସମିତି ସଭ୍ୟ ବିଶ୍ୱରଞ୍ଜନ କର, ସରପଞ୍ଚ ଧନଞ୍ଜୟ ମହାପାତ୍ର, ପଞ୍ଚାୟତ ସଭାପତି ସତ୍ୟାନନ୍ଦ ମହାପାତ୍ର ଓ ଜିଲାପରିଷଦ ସଭ୍ୟ ପ୍ରତାପ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ

**ବାଲିଆ, ୧୮।୬:** ବିରିଡି ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣେ ଭିନ୍ନକ୍ଷମଙ୍କୁ ଶୁକ୍ରବାର ହୁଇଲ ଚେୟାର ପ୍ରଦାନ କରାଯାଇଛି । ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଅରଣା ପଞ୍ଚାୟତସ୍ଥିତ କଣ୍ଡୁଆ ଗ୍ରାମର ଅଜୟ ପଟ୍ଟନାୟକଙ୍କ ପୁତ୍ର ଅଜିତେଶ ପଟ୍ଟନାୟକ। ଭିନ୍ନକ୍ଷମ ପ୍ରମାଣ ପତ୍ର ଥାଇ ସୁଦ୍ଧା ତାଙ୍କୁ ସରକାରଙ୍କ ପକ୍ଷରୁ ଏହା ମିଳିପାରୁ ନ ଥିଲା। ଏନେଇ ବିଡିଓଙ୍କୁ ପରିବାର ଲୋକେ ଜଣାଇଥିଲେ।

# ୬,୭୪୯ ଗ୍ରାମୀଣ ରାସ୍ତା ପ୍ରକଳ୍ପ ଅସମ୍ପୂର୍ଣ୍ଣ

**କେନ୍ଦ୍ରାପଡ଼ା ଅଫିସ, ୧୮।୬**


ମହାକାଳପଡ଼ା ବ୍ଲକ ନହକାଣୀ ରାସ୍ତା।

**ଜିଲା ବିକାଶର ଚିତ୍ର ଅସ୍ପଷ୍ଟ**
- ଗମନାଗମନ ପାଇଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ାରେ ସର୍ବାଧିକ ଅଧାପନ୍ତରିଆ ପ୍ରକଳ୍ପ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଜଙ୍ଗଲଘେରା ଜନଜାତିପଡାକୁ ରାସ୍ତାଟିଏ ନାହିଁ। ସାମାନ୍ୟ ବର୍ଷାରେ ପ୍ରାୟ ୨ କି.ମି. ରାସ୍ତା ଗମନାଗମନ ଉପଯୋଗୀ ନୁହେଁ। ଏଥିପାଇଁ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଲା। ଆମ୍ବୁଲାନ୍ସରେ ଆସିଥିବା ଏହି ଗାଁର ନରୋତ୍ତମ ନାୟକଙ୍କ ମୃତଦେହକୁ ଏକ ବାଡ଼ି ଓ ଲୁଗାଭାରରେ ଗାଁକୁ ନେବାକୁ ପଡିଲା। ସେହିପରି ବ୍ଲକର ସୁନିତି ପଞ୍ଚାୟତର ୧ ନଂ. ୱାର୍ଡ ରାସ୍ତା ଗମନାଗମନ ଉପଯୋଗୀ ହୋଇ ରହିନାହିଁ। ୱାର୍ଡର ୧୦୦ରୁ ଊର୍ଦ୍ଧ୍ୱ ପରିବାର ରାସ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ଏହି ଉଦାହରଣରେ ଜିଲାର ରାସ୍ତା ସମସ୍ୟା ସୀମିତ ନୁହେଁ। ଚଳିତ ଆର୍ଥିକବର୍ଷର ଅଦ୍ୟାବଧି ମାତ୍ର ୯ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୬,୭୪୯ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ସର୍ବାଧିକ ୧,୭୨୮ ଗ୍ରାମୀଣ ରାସ୍ତା ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିବା ବେଳେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୧,୧୧୫ ରାସ୍ତା ପ୍ରକଳ୍ପ ଦ୍ୱିତୀୟ ସ୍ଥାନରେ ଅଛି। ରାସ୍ତା ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ଆପଦ ବିପଦ କାଳରେ ଅଗ୍ନିଶମ ବିଭାଗରେ ସମସ୍ୟା ଦେଖାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଥିବା ଏହି ପ୍ରକଳ୍ପ ଶେଷ ପାଇଁ ପ୍ରଶାସନିକ ତତ୍ପରତା ନାହିଁ। ମହାମାରୀରେ କର୍ମ ନିଯୁକ୍ତି ସମସ୍ୟା ହୋଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଜିଲା ବିକାଶର ଚିତ୍ର ଏଠାରେ ଅସ୍ପଷ୍ଟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥ୍ୟ ଅନୁଯାୟୀ, ଜିଲାର ଆଳି ବ୍ଲକ ଅଞ୍ଚଳରେ ମୋଟ ୧୧୮ଟି ରାସ୍ତା ନିର୍ମାଣାଧୀନ ଅଛି। ସେହିପରି ୧୭୭ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ୨୦୧ ପ୍ରକଳ୍ପ ପ୍ରସ୍ତାବରେ ସୀମିତ ଅଛି। ସେହିପରି ଡେରାବିଶ ବ୍ଲକର ୭୬୪ ରାସ୍ତା ପ୍ରକଳ୍ପରୁ ୧୫୫ଟି ରାସ୍ତା ନିର୍ମାଣାଧୀନ ରହିଛି। ଗରଦପୁରର ୪୬୫ରୁ ୧୩୫ଟି ପ୍ରକଳ୍ପ, କେନ୍ଦ୍ରାପଡ଼ାର ୧,୧୧୫ରୁ ୨୭୭ଟି ପ୍ରକଳ୍ପ, ମହାକାଳପଡ଼ାର ୩୭୩ରୁ ୧୫୫ଟି ପ୍ରକଳ୍ପ, ମାର୍ଶାଘାଇର ୨୦୯ରୁ ୧୧୩ଟି ପ୍ରକଳ୍ପ, ପଟ୍ଟାମୁଣ୍ଡାଇର ୧,୭୨୮ରୁ ୨୮୪ଟି ପ୍ରକଳ୍ପ, ରାଜକନିକାର ୮୯୫ରୁ ୨୨୭ଟି ପ୍ରକଳ୍ପ ଓ ରାଜନଗର ବ୍ଲକ ଅଞ୍ଚଳର ୬୨୧ରୁ ୧୦୯ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଶିଷ କୁମାର ସେନାପତି, ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ରାଜ୍ୟ ଉପସଭାପତି ସମ୍ପଦ କୁମାର ସ୍ୱାଇଁ, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ଗମନାଗମନ ପଥର ଗୁରୁତ୍ୱ ଅଧିକ। ତେବେ ଜିଲା ପ୍ରଶାସନ ଏ ସମ୍ପର୍କରେ ଅଣଦେଖା କରି ଚାଲିଛନ୍ତି। ୨୦୨୧ ଆର୍ଥିକ ବର୍ଷରେ ମଧ୍ୟ ଏପରି ସ୍ଥିତି ଦେଖିବାକୁ ମିଳିଛି। ମୋଟ ୩,୬୦୧ ରାସ୍ତା ପ୍ରକଳ୍ପ ମଧ୍ୟରୁ ଏହି ଯୋଜନାରେ ମାତ୍ର ୪୯ଟି ପ୍ରକଳ୍ପ ଶେଷ ହୋଇଛି। ପ୍ରାୟ ଦେଢ଼ବର୍ଷ ଧରି କରୋନା ମହାମାରୀ ଜିଲାବାସୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦେଇଛି। କର୍ମନିଯୁକ୍ତି ପାଇଁ ଏହି ଯୋଜନାକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିବା ବେଳେ ଜିଲା ପ୍ରଶାସନ ଏଥିରେ ସଫଳ ହୋଇ ପାରିନାହିଁ। ଜିଲାରେ ଏବେ ୨,୮୭,୯୩୦ ଜବ୍‌କାର୍ଡଧାରୀ ପରିବାର ରହିଥିଲେ ମଧ୍ୟ ଅଦ୍ୟାବଧି ମାତ୍ର ୩୫,୭୭୯ ପରିବାରଙ୍କୁ ଅଳ୍ପ କିଛି କାମ ମିଳିଛି। ଗ୍ରାମୀଣ ରାସ୍ତା ଉନ୍ନତୀକରଣ ହୋଇପାରି ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ମୌଳିକ ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ବର୍ଷାଋତୁ ଆସି ଯାଇଥିବାରୁ ରାସ୍ତା ସମସ୍ୟା ଉତ୍କଟ ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଡି ଦିଲୀପ କୁମାର ପରିଡାଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ଜିଲାରେ ଗୁରୁତ୍ୱ ଦିଆଯାଇଛି। ଜବ୍‌କାର୍ଡଧାରୀଙ୍କ ଡିମାଣ୍ଡ ମୁତାବକ କାମ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପଗୁଡିକ ଶେଷ କରାଯିବା ପାଇଁ ଜିଲାର ୯ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

### ଡାକ୍ତରଙ୍କୁ ଆକ୍ରମଣ
### ପ୍ରତିବାଦରେ ବିରୋଧ ପ୍ରଦର୍ଶନ

**ଯାଜପୁର ଅଫିସ,୧୮।୬**

ସର୍ବଭାରତୀୟ ପ୍ରତିବାଦ ଦିବସ ଉପଲକ୍ଷେ ଶୁକ୍ରବାର ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ୍‌ର ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରିଥିଲେ। ସମସ୍ତ କ୍ଲିନିକ ଏବଂ ଡାକ୍ତରଖାନାରେ ଦୈନନ୍ଦିନ କାର୍ଯ୍ୟ ବନ୍ଦ କରାଯାଇ କେବଳ ଜରୁରିକାଳୀନ ଚିକିତ୍ସା ଜାରି ରଖାଯାଇଥିଲା। ସଂଘର ସଭାପତି ଡା. ନୃସିଂହ ଚରଣ ପରିଡା ଓ ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା.ପ୍ରସନ୍ନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସାମ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, କର୍ଣ୍ଣାଟକ ଆଦି ସ୍ଥାନରେ ଡାକ୍ତରଙ୍କ ଉପରେ ହେଉଥିବା ଶାରୀରିକ ଅତ୍ୟାଚାର ପ୍ରତିରୋଧ ପାଇଁ ସର୍ବଭାରତୀୟ ସ୍ତରରେ ଏକ କଠୋର ଆଇନ ପ୍ରଣୟନ ଏବଂ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ସ୍ମାରକପତ୍ରରେ ଦାବି ହୋଇଛି। ଅନୁରୂପ ଭାବେ ଡୁବୁରୀ ଟାଟା ମେଡିକା ହସ୍ପିଟାଲ ଅଧୀକ୍ଷକ ଡା. ଶୁଭ୍ରାଂଶୁ ଶେଖର ସୂତାରଙ୍କ ନେତୃତ୍ୱରେ ଧାରଣା ପ୍ରଦର୍ଶନ କରାଯାଇଥିଲା।


କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ଲାଗି ପୁରୀ ଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧିଙ୍କୁ ଶୁକ୍ରବାର ବଳଦେବଜୀଉ ମନ୍ଦିର ସେବାୟତ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା କରାଯାଉ

**କଟକ ଅଫିସ, ୧୮।୬**

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା ପାଇଁ ଅନୁମତି ଦେବା ଲାଗି ଶୁକ୍ରବାର ହାଇକୋର୍ଟରେ ଜନସ୍ୱାର୍ଥମାମଲା ରୁଜୁ ହୋଇଛି। ମନ୍ଦିରର ସେବାୟତ ରଞ୍ଜନ କୁମାର ସୁଆର ଓ ଅନ୍ୟ ୪ଜଣ ସେବାୟତ ଏହି ମାମଲା ରୁଜୁ କରିଛନ୍ତି। ମାମଲାରେ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, କେନ୍ଦ୍ରାପଡ଼ା ଜିଲାପାଳ, ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, କୋଭିଡ୍ କଟକଣା ସହ ପୁରୀ ଢାଞ୍ଚାରେ କେନ୍ଦ୍ରାପଡ଼ାରେ ରଥଯାତ୍ରା କରିବାକୁ ଅନୁମତି ଦେବାକୁ ହାଇକୋର୍ଟରେ ମାମଲା ଦାଏର କରାଯାଇଛି। ପୁରୀରେ ରଥଯାତ୍ରା ପାଇଁ ଅନୁମତି ଦିଆଯାଇଥିବାବେଳେ ଅନ୍ୟ ମନ୍ଦିରକୁ ଅଣଦେଖା କରାଯାଉଥିବା ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ୫ ଶହ ସେବାୟତଙ୍କୁ ନେଇ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ପାଇଁ ଅନୁମତି ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ପୋଲିସ ଏସ୍‌ଆଇ ସ୍ତରରେ ଅଦଳବଦଳ

**ଯାଜପୁର ଅଫିସ,୧୮।୬**

ଯାଜପୁର ଜିଲାର ୧୨ ପୋଲିସ ସବଇନ୍ସପେକ୍ଟର(ଏସ୍‌ଆଇ)ଙ୍କୁ ଦ୍ୱିତୀୟ ଦଫା ଅଦଳବଦଳ କରାଯାଇଛି। ଏସ୍‌ପି ରାହୁଲ ପି.ଆର. ଗୁରୁବାର ରାତ୍ରିରେ ଏନେଇ ସୂଚନା ଦେଇଛନ୍ତି। ତଦନୁଯାୟୀ, ବିଞ୍ଝାରପୁର ଥାନା ଏସ୍‌ଆଇ ଭାଗ୍ୟଶ୍ରୀ ବେହେରାଙ୍କୁ ଯାଜପୁରରୋଡ୍ ଥାନା, ଯାଜପୁରରୋଡ ଥାନାର ମିନତି ବେହେରାଙ୍କୁ ଯାଜପୁର, ମଙ୍ଗଳପୁର ଥାନାର କବିତା ନାୟକଙ୍କୁ ଯାଜପୁର ସଦର ଥାନା, କୋରେଇ ଥାନାର କଳ୍ପଲତା ପ୍ରଧାନଙ୍କୁ ମଙ୍ଗଳପୁର, ବାଲିଚନ୍ଦ୍ରପୁର ଥାନାର ରାଧିକା ବାଉଣ୍ଡାଙ୍କୁ କୋରେଇ, ଯାଜପୁର ଥାନାର ରୋଜାଲିନ ଜେନାଙ୍କୁ କୁଆଖିଆ, କୁଆଖିଆର ଅନିତା ପ୍ରଧାନଙ୍କୁ ବିଞ୍ଝାରପୁର, ବାଲିଚନ୍ଦ୍ରପୁର ଥାନାର ସୁରେନ୍ଦ୍ର ରଥଙ୍କୁ କୁଆଖିଆକୁ ବଦଳି କରାଯାଇଛି। ସେହିପରି କିଛିଦିନ ତଳେ ପ୍ରଥମ ଦଫାରେ ବଦଳି ହୋଇଥିବା ୪ ଏସ୍‌ଆଇଙ୍କର ପୁନଃ ବଦଳ କରାଯାଇଛି। କୁଆଖିଆ ଥାନାର ରାଜକିଶୋର ଦାସଙ୍କୁ ବାଲିଚନ୍ଦ୍ରପୁର, ଜେନାପୁର ଥାନାର ଫିରୋଜ ଏକ୍କାଙ୍କୁ ଯାଜପୁର ସଦର ଥାନା, ଯାଜପୁର କୋର୍ଟରେ ଘନଶ୍ୟାମ ହେସାଙ୍କୁ ଝୁମ୍ପୁରୀ ବିଟ୍ ହାଉସ୍, ବୈରୀ ଥାନାର ବିଶ୍ୱନାଥ ବିଶ୍ୱାଳଙ୍କୁ ଜଖପୁରା ଥାନାକୁ ବଦଳି କରାଯାଇଛି।

## ରଥଯାତ୍ରା ଦାବିରେ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଥଯାତ୍ରା ଲାଗି ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି।

**କେନ୍ଦ୍ରାପଡା ଅଫିସ, ୧୮।୬**

**ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉ**

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା ଦାବିରେ କେନ୍ଦ୍ରାପଡ଼ା ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପୁରୀ ବ୍ୟତୀତ ଅନ୍ୟ କ୍ଷେତ୍ରରେ ରଥଯାତ୍ରା ବନ୍ଦ ନିଷ୍ପତ୍ତି ଓ ଜିଲାପାଳଙ୍କ ଏ ସମ୍ପର୍କରେ ବୟାନକୁ ସମାଲୋଚନା କରାଯାଇଛି। କୋଭିଡ୍ ଆଳରେ ତୁଳସୀ କ୍ଷେତ୍ରର ବ୍ରହ୍ମ ତାଳଧ୍ୱଜ ରଥ ଗଢିବାକୁ ନେଇ ପୁନର୍ବିଚାର କରାଯାଉ ବୋଲି କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି କିଶୋର କୁମାର ପଣ୍ଡା କହିଛନ୍ତି, ରଥଯାତ୍ରା ସହ ଶ୍ରଦ୍ଧାଳୁଙ୍କ ଭାବନା ଜଡିତ ଅଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ତୁଳସୀକ୍ଷେତ୍ରର ରୀତିନୀତି ସହ ବହୁସାମଞ୍ଜସ୍ୟ ରହିଛି। ଏହା ବ୍ୟତୀତ ବୈଷ୍ଣବ ଧର୍ମ ଅନୁଯାୟୀ, ଓଡ଼ିଶାର ଶ୍ରୀକ୍ଷେତ୍ର ଓ ତୁଳସୀ କ୍ଷେତ୍ରରେ ରଥଯାତ୍ରା ବହୁ ପୁରାତନ। କରୋନା ଯୋଗୁ ଦୀର୍ଘ ୯୦୦ବର୍ଷ ପରମ୍ପରା ମଧ୍ୟରେ ୨୦୨୦ରେ ପ୍ରତୀକାତ୍ମକ ରଥଯାତ୍ରା ହୋଇଥିଲା। ଚଳିତବର୍ଷ କୋଭିଡ୍ ନିୟମାବଳୀ ମଧ୍ୟରେ ରଥଟଣା ସମ୍ଭବ ହୋଇପାରିବ। ଏଥିପାଇଁ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣକୁ ଅଗ୍ରାଧିକାର ଭାବେ ମଞ୍ଜୁରି ଦିଆଯାଉ। ଚଳିତବର୍ଷ କେନ୍ଦ୍ରାପଡ଼ା ଶ୍ରୀଜୀଉଙ୍କ ରଥଯାତ୍ରା ହୋଇପାରିବ ନାହିଁ ବୋଲି ଜିଲାପାଳଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସୂଚନାଯୋଗ୍ୟ, ରଥଯାତ୍ରା ପାଇଁ ପୂର୍ବରୁ ଜନ ଅଧିକାର ମଞ୍ଚ, ବାବା ବଳିଆ, ବଳଦେବ ଚାରିଟେବୁଲ ଟ୍ରଷ୍ଟ, ବିଭିନ୍ନ ସାମାଜିକ ଓ ରାଜନୈତିକ ସଙ୍ଗଠନ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସେହିପରି ରଥଯାତ୍ରା ପାଇଁ ଆଳି ତହସିଲ ସମ୍ମୁଖରେ ଭାଜପା ନେତା ବ୍ରଜସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା।

## ତିର୍ତ୍ତୋଲ ଏସ୍‌ଆଇ କାର୍ଯ୍ୟରୁ ନିଲମ୍ବିତ

**ଜଗତ୍‌ସିଂହପୁର ଅଫିସ, ୧୮।୬**

**ଯୁବକଙ୍କୁ ନିଷ୍ଠୁର ଭାବେ ଆକ୍ରମଣ କରିଥିଲେ**

ତିର୍ତ୍ତୋଲ ଥାନା ଏସ୍‌ଆଇ ଅନିରୁଦ୍ଧ ନାୟକଙ୍କୁ ଶୁକ୍ରବାର ଏସ୍‌ପି ପ୍ରକାଶ.ଆର୍ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଥାନା ଅଧୀନ କୃଷ୍ଣାନନ୍ଦପୁର ପଞ୍ଚାୟତର ଯୁବକ ରଶ୍ମିକାନ୍ତ ସାହୁଙ୍କୁ ୧୨ ତାରିଖରେ ସେ ଆକ୍ରମଣ କରିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ରଶ୍ମିକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୈତୃକ ଜମିରେ ଶୌଚାଳୟ ନିର୍ମାଣ କଲାବେଳେ ପଡ଼ୋଶୀ ବାଧା ସୃଷ୍ଟି କରିଥିଲେ। ଏନେଇ ତାଙ୍କ ମା' କୃଷ୍ଣାନନ୍ଦପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ପ୍ରଥମେ ପାଇଖାନା ନିର୍ମାଣ ବେଳେ ସୁରକ୍ଷା ଦେବାକୁ ସମ୍ମତି ହୋଇଥିଲେ ସୁଦ୍ଧା ପରେ ନୀରବ ରହିଥିଲେ। ଫଳରେ ରଶ୍ମିକାନ୍ତ ଓ ତାଙ୍କ ମା' ତିର୍ତ୍ତୋଲ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ମାମଲାର ଦାୟିତ୍ୱ ଏସ୍‌ଆଇ ଅନିରୁଦ୍ଧଙ୍କୁ ଦେଇଥିଲେ। ଏହାପରେ ଏସ୍‌ଆଇ ସେଦିନ ସନ୍ଧ୍ୟାରେ ତାଙ୍କୁ ଏକୁଟିଆ ଥାନାକୁ ଡାକି ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିଥିଲେ। ଏକ ଅନ୍ଧାରୁଆ ପ୍ରକୋଷ୍ଠକୁ ନେଇ ପ୍ଲାଷ୍ଟିକ୍ ପାଇପ୍‌ରେ ପିଟିଥିଲେ। ବିଳମ୍ବ ହେବାରୁ ତାଙ୍କ ମା' ଓ ଭଉଣୀ ରାତି ପାଖାପାଖି ୧୦ଟାରେ ଥାନାରେ ପହଞ୍ଚିଥିଲେ। ସେତେବେଳକୁ ସେ ଆଣ୍ଠେଇ ପାଣି ପାଇଁ ଚିତ୍କାର କରୁଥିଲେ। ଅନିରୁଦ୍ଧ କିନ୍ତୁ ଏତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ। ତଣ୍ଟିଆ ମାରି ଶୌଚାଳୟରୁ ପାଣି ଆଣି ପିଇବାକୁ କହିଥିଲେ। ପରେ ଥାନାରୁ ଯିବା ପାଇଁ ନିଜ ମନ ମୁତାବକ ଏକ ଲିଖିତନାମ ଦେବାକୁ ବାଧ୍ୟ କରିଥିଲେ। ଏଥିସହ ୨ ସାଦା କାଗଜରେ ମଧ୍ୟ ଦସ୍ତଖତ ନେଇଥିଲେ। ଏସମ୍ପର୍କରେ ରଶ୍ମିକାନ୍ତ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ନକଲ ଡିଜିପି ଓ ରାଜ୍ୟ ମାନବାଧିକାର କମିଶନଙ୍କ ଅବଗତି ନିମନ୍ତେ ପଠାଇଥିଲେ। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ତରଫରୁ ମଧ୍ୟ ଶୁକ୍ରବାର ଏ ସମ୍ପର୍କରେ ସ୍ମାରକପତ୍ର ଦିଆଯାଇ ଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।

## ଅମ୍ଳଜାନ ଉତ୍ପାଦନ କେନ୍ଦ୍ରର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଜଗତ୍‌ସିଂହପୁର ଅଫିସ, ୧୮।୬**

**ଜଗତ୍‌ସିଂହପୁର ଓ ପାରାଦୀପରେ ହେବ ପ୍ଲାଣ୍ଟ**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାପ ଅବଶୋଷଣ ପ୍ରଣାଳୀରେ ଡାକ୍ତରଖାନା ଅମ୍ଳଜାନ (ମେଡିକାଲ ଅକ୍ସିଜେନ୍)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା କରାଯିବ। ଏଥିସହ ତରଳ (ଲିକ୍ୱିଡ୍) ଡାକ୍ତରଖାନା ଅମ୍ଳଜାନ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ହେବ। ସେହିପରି ପାରାଦୀପସ୍ଥିତ କୋଭିଡ୍ ହସ୍ପିଟାଲ ପାଇଁ ଅନୁରୂପ ପ୍ରଣାଳୀରେ ଡାକ୍ତରଖାନାରେ ଅମ୍ଳଜାନର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା କରାଯିବ। ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ଲାଣ୍ଟର ଶିଳାନ୍ୟାସ କରିଛନ୍ତି । ଉତ୍ସବରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଜିଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରେ ଏଭଳି ପ୍ରକଳ୍ପ ସ୍ଥାପନ ପାଇଁ ଶିଳାନ୍ୟାସ କରି ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ପ୍ରତିବଦ୍ଧତାର ପ୍ରମାଣ କରିଛନ୍ତି। ରାଜ୍ୟର ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଅମ୍ଳଜାନ ପାଇଁ ସୁବିଧା କରାଯିବ। ଏଥିସହ ୨ ମାସ ଭିତରେ ଦେଶର ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ୩୦ ହଜାର ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ମେଡିକାଲ ଅକ୍ସିଜେନ୍ ଯୋଗାଣ ହେବ। ପୂର୍ବରୁ ଜଗତ୍‌ସିଂହପୁର ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆବଶ୍ୟକ ମଞ୍ଜୁରୀ ଦେଇଛନ୍ତି ବୋଲି ମନ୍ତ୍ରୀ ଦାସ କହିଥିଲେ। ଏହି ଅବସରରେ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହି ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ଏସ୍‌ପି ପ୍ରକାଶ.ଆର୍, ସିଡିଏମ୍‌ଓ ଡା. ବିଜୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ଗ୍ରାମବାସୀଙ୍କ ଧାରଣା


ଏରସମା ଥାନା ସମ୍ମୁଖରେ ଧାରଣା ଦେଇଥିବା ଲୋକେ।

**ଏରସମା,୧୮।୬(ସ୍ୱ.ପ୍ର.)**

**ହରିଜନପଡ଼ାବାସୀଙ୍କ ଆକ୍ରମଣକୁ ବିରୋଧ**

ଏରସମା ଥାନା ଗୋଡା ଗ୍ରାମର ସର୍ବେଶ୍ୱର ପ୍ରଧାନ ଓ ତାଙ୍କ ବାପା ଚନ୍ଦ୍ରମଣିଙ୍କୁ ଗୋଡାହରିଜନପଡାର କେତେଜଣ ଲୋକ ଆକ୍ରମଣ କରିଥିଲେ। ସେମାନଙ୍କୁ ନ୍ୟାୟ ଦାବିରେ ଗୋଡ଼ା ଗ୍ରାମର ବହୁ ଲୋକ ଶୁକ୍ରବାର ଥାନାରେ ଧାରଣା ଦେଇଥିଲେ। ଆଇଆଇସି ଲିଜାରାଣୀ ବିଶ୍ୱାଳ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସର୍ବେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ଗୋଡା ହରିଜନପଡାର ଚନ୍ଦନ ଦାସଙ୍କ ସହ କୌଣସି ଘଟଣାକୁ ନେଇ ଦୀର୍ଘଦିନ ହେବ ତାଙ୍କର ବିବାଦ ଥିଲା। ଗତ ୧୫ ତାରିଖରେ ଉକ୍ତ ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଗୋଡ଼ା ହରିଜନପଡାର ୫୦ରୁ ୬୦ ଲୋକ ସର୍ବେଶ୍ୱରଙ୍କ ଘରେ ପଶି ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ। ୧୬ ତାରିଖରେ ସର୍ବେଶ୍ୱର ଓ ତାଙ୍କ ବାପା ଚନ୍ଦ୍ରମଣିଙ୍କୁ ସେମାନେ ପୁନର୍ବାର ଆକ୍ରମଣ କରିଥିଲେ। ଥାନାରେ ଅଭିଯୋଗ ପରେ ମାମଲା (ନଂ.୧୪୦/୨୧) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପୂର୍ବତନ ସରପଞ୍ଚ ଅଭିଳାଷ ବିଶ୍ୱାଳ, ଅଶୋକ ନାୟକ ଓ ପ୍ରଭାକର ପ୍ରଧାନ ପ୍ରମୁଖ ଧାରଣା ଦେଇଥିଲେ।

ଅପରପକ୍ଷେ ଚନ୍ଦନ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବଚସା ସମୟରେ ସର୍ବେଶ୍ୱର ପ୍ରଥମେ ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୩୯/୨୧) ରୁଜୁ ହୋଇଛି। ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ବିଶ୍ୱାଳ କହିଛନ୍ତି।

## '୮୩୩୯ ବ୍ୟକ୍ତିଙ୍କୁ ତୁରନ୍ତ ୨ୟ ଡୋଜ୍ ଟିକା ଦିଅ'

**ଜଗତ୍‌ସିଂହପୁର ଅଫିସ, ୧୮।୬**

**ଟିକାକରଣ ପାଇଁ ଜିଲା ଟାସ୍କଫୋର୍ସ କମିଟି ବୈଠକ**
- ଉପକାରାଗାର ଅନ୍ତେବାସୀଙ୍କ ପାଇଁ ପର୍ଯ୍ୟାୟକ୍ରମେ ଟିକା
- ପୌରାଞ୍ଚଳର ଔଷଧ ଦୋକାନୀ, ବ୍ୟାଙ୍କ କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀଙ୍କ ପରିବାରକୁ ଟିକା


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଜଗତ୍‌ସିଂହପୁର ଜିଲାରେ ପ୍ରଥମ ଡୋଜ୍ ଟିକା ନେଇଥିବା ୮୩୩୯ ଜଣ ବ୍ୟକ୍ତି ଏଥିମଧ୍ୟରେ ୮୪ ଦିନ ଅତିକ୍ରମ କରିସାରିଲେଣି । ସେମାନେ ତୁରନ୍ତ ୨ୟ ମାତ୍ରା ନେବା କଥା। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ପୌରାଞ୍ଚଳର ୪୪୪, ପାରାଦୀପ ୪୦୫, ବାଲିକୁଦା ୧୦୧୦, ବିରିଡ଼ି ୧୦୩୧, ଏରସମା ୬୧୭, କୁଜଙ୍ଗ ୧୧୯୦, ତିର୍ତ୍ତୋଲ ୧୫୩୯, ନାଉଗାଁ ୬୬୫, ରଘୁନାଥପୁର ୫୫୬ ଓ ଜଗତ୍‌ସିଂହପୁର ବ୍ଲକରୁ ୮୮୨ ଜଣ ରହିଛନ୍ତି। କିନ୍ତୁ ସେମାନେ ଟିକା ନେବାରେ କାହିଁକି ବିଳମ୍ବ କରୁଛନ୍ତି ସେନେଇ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କର। ଏଥିସହ ସେମାନଙ୍କୁ ୮୪ରୁ ୧୧୨ ଦିନ ମଧ୍ୟରେ ୨ୟ ଡୋଜ୍ ଟିକା ନେବାକୁ ପରାମର୍ଶ ଦିଅ। କୋଭିଡ୍ ଟିକାକରଣ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ସେ କହିଥିଲେ, ପ୍ରତ୍ୟେକ ବ୍ଲକର ବିଡିଓମାନଙ୍କୁ ଏନେଇ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ଗୋଷ୍ଠୀସ୍ତରରେ ଆଶାକର୍ମୀମାନେ ସଚେତନ କରିବା ଆବଶ୍ୟକ। ଆଗାମୀ ଦିନରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବିଭିନ୍ନ ଟିକାଦାନ କେନ୍ଦ୍ରରେ ପ୍ରଥମ ମାତ୍ରା ପାଇଁ ୪୦ ଭାଗ ଏବଂ ୨ୟ ମାତ୍ରା ପାଇଁ ୬୦ ଭାଗ ସିଧାସଳଖ ଭାବେ ଯୋଗ୍ୟ ହିତାଧିକାରୀ ଟିକା ନେଇପାରିବେ। ଟିକାର ଆବଶ୍ୟକତାକୁ ନେଇ ସମୟାନୁସାରେ ଏହି ନିୟମ ପରିବର୍ତ୍ତନ କରାଯିବ। ଏହାବ୍ୟତୀତ ଆଳିପିଙ୍ଗଳ ଓ କୁଜଙ୍ଗ ଉପକାରାଗାରରେ ଅନ୍ତେବାସୀଙ୍କୁ ସ୍ୱତନ୍ତ୍ର ଭାବେ ପର୍ଯ୍ୟାୟକ୍ରମେ ଟିକା ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ପୌରାଞ୍ଚଳର ଔଷଧ ଦୋକାନୀ, ବ୍ୟାଙ୍କ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପରିବାର ସଦସ୍ୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକା ପ୍ରଦାନ କରାଯିବ। ୧୮ରୁ ୪୪ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଟିକା ନିମନ୍ତେ ଥିବା ସ୍ଲଟ ବୁକିଂ ସମୟରେ ଖୁବ୍ କମ ସମୟରେ ଶେଷ ହୋଇଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟା ପଣ୍ଡା କହିଥିଲେ।

ବୈଠକରେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଡିପିଏମ୍ ଚକ୍ରଧର ଜେନା, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଓ ଡିଭିଏଲ୍‌ଏମ୍ ପାର୍ଥ ସାରଥି କରଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

**ଡେରାସାହି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ**

ଖଣ୍ଡପଡା, ୧୮।୬ (ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ସଂକ୍ରମଣ ବୃଦ୍ଧି ଆଶଙ୍କା କରି ନରେନ୍ଦ୍ରପୁରପାଟଣା ଡେରାସାହି ଅଞ୍ଚଳକୁ ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦା ଶୁକ୍ରବାରରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରମୋଦ କୁମାର ନାୟକ, ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁଙ୍କୁ ଜଣାଇ ଦେଇଛନ୍ତି। ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର, ୟୁକୋ ବ୍ୟାଙ୍କ ଓ ଡାକଘର କାର୍ଯ୍ୟାଳୟ ରହିଥିବାରୁ ଆବଶ୍ୟକ ବିଶୋଧନ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଶରଣକୁଳରେ ଗଡ଼ିଲା ରାଜସ୍ୱ ରଥ

**ନୟାଗଡ ଅଫିସ,୧୮।୬:** ନୟାଗଡ ଜିଲା ଓଡଗାଁ ତହସିଲର ଶରଣକୁଳରେ ଶୁକ୍ରବାର ରାଜସ୍ୱ ରଥ ଗଡିଛି। ଏହାକୁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଶରଣକୁଳ ଓ ଗୋଡିପଡା ଅଞ୍ଚଳର ୧୮ଟି ପଞ୍ଚାୟତରେ ଥିବା ବିଭିନ୍ନ ଗାଁର ଲୋକଙ୍କୁ ରାଜସ୍ୱ ସେବା ଯୋଗାଇ ଦେବାକୁ ରଥ ଗାଁ ପରିକ୍ରମା କରୁଛି। ଉଦ୍‌ଘାଟନ ସମୟରେ ଓଡଗାଁ ଅତିରିକ୍ତ ତହସିଲଦାର ବିଜୟୀତା ସାମନ୍ତସିଂହର ଉପସ୍ଥିତ ଥିଲେ।

### ପୂର୍ବତନ ସିଡିଏମ୍‌ଓଙ୍କ ପରଲୋକ

**ନୟାଗଡ ଅଫିସ,୧୮।୬:** ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ରାଜ କିଶୋର ଷଡଙ୍ଗୀ (୭୧)ଙ୍କର ଗୁରୁବାର ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ କଟକରେ ଚିକିତ୍ସିତ ହେଉଥିଲେ।

### ପୂର୍ତ୍ତ ବିଭାଗ କର୍ମଚାରୀଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ

ଖଣ୍ଡପଡ଼ା, ୧୮।୬ (ସ୍ୱ.ପ୍ର): ଖଣ୍ଡପଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ସ୍ଥାନୀୟ ନିଳାଞ୍ଚଳ ସାହିର ମକୁନ୍ଦ ଚନ୍ଦ୍ର ଦାସ(୫୪)ଙ୍କ ମୃତ୍ୟୁ ହୋଇଛି। କିଛିଦିନ ଧରି ସେ କିଡନୀ ଜନିତ ରୋଗରେ ପୀଡିତ ହୋଇ ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ କର୍ମଚାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ କରଡାବଣି ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

### ବାଇକ୍ ସହ ୧୫ ଲିଟର ଦେଶୀ ମଦ ଜବତ

**ନୟାଗଡ ଅଫିସ,୧୮।୬:** ନୟାଗଡ ସଦର ଥାନା ପୋଲିସ ବାଲୁଗାଁରୁ ୧୫ ଲିଟର ଦେଶୀ ମଦ ଏକ ବାଇକ ଜବତ କରିଛି। ବେଆଇନ ଦେଶୀ ମଦ କାରବାର ଅଭିଯୋଗରେ ଖଣ୍ଡପଡା ଥାନା ଲକ୍ଷ୍ମୀପ୍ରସାଦ ଗାଁର ରବୀନ୍ଦ୍ର କୁମାର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ରବୀନ୍ଦ୍ରଙ୍କୁ ନୟାଗଡ଼ ସବ୍‌ଜେଲକୁ ଯିବାକୁ ପଡିଛି। ଏ ନେଇ ପୋଲିସ ନଂ. ୮୬/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ପ୍ରସୂତିଙ୍କୁ କିଟ୍ ବଣ୍ଟନ

**ସୋରଡା,୧୮।୬(ଡି.ଏନ୍.ଏ.):** ସୋରଡା ସରକାରୀ ଡାକ୍ତରଖାନାରେ ଗୁରୁବାର ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣା ସୁରକ୍ଷା କବଚ ଯୋଜନା ଶୁଭାରମ୍ଭ ହୋଇଛି । ପ୍ରସୂତି ଓ ଶିଶୁମାନଙ୍କ ନିମନ୍ତେ ଆବଶ୍ୟକ ସରଞ୍ଜାମ ଯଥା ବେଡସିଟ, ଚପଲ, ସାବୁନ, ମଶାରି, ମାସ୍କ, ନାପକିନ୍ ଶିଶୁଙ୍କ ପୋଷାକ ଆଦି ଥିବା କିଟ୍ ବଣ୍ଟାଯାଇଛି । ଡାକ୍ତରଖାନାକୁ ଆସୁଥିବା ଗର୍ଭବତୀମାନେ ସନ୍ତାନ ପ୍ରସବ ପରେ ପ୍ରସୂତି ଓ ନବଜାତକଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ ଏହି ଯୋଜନା କରାଯାଇଛି। ଗତ ଏପ୍ରିଲ ମାସରୁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ଏଠାରେ କିଟ୍ ପହଞ୍ଚିବା ପରେ ବଣ୍ଟାଯାଇଛି । ଡାକ୍ତର ଅଜିତ ପାଣିଗ୍ରାହୀ କିଟ ବଣ୍ଟନ କରିଥିଲେ।

### ସର୍ବନିମ୍ନ ମାର୍କ ଦେଇ ବିଦ୍ୟାର୍ଥୀଙ୍କୁ ଉତ୍ତୀର୍ଣ୍ଣ କରିବାକୁ ଦାବି

**ବୁଗୁଡ଼ା,୧୮।୬(ଡି.ଏନ.ଏ.):** ପତ୍ର ବିନିମୟ ମାଧମ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ସର୍ବନିମ୍ନ ପାଶ୍ ମାର୍କ ଦେଇ ଉତ୍ତୀର୍ଣ୍ଣ କରିବା ସକାଶେ ଶୁକ୍ରବାର ବୁଗୁଡ଼ା ବ୍ଲକର ବିଦ୍ୟାର୍ଥୀମାନେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବା ସହ ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କୁ ମଧ ଜଣାଇଛନ୍ତି। ୨୦୨୦-୨୧ ପାଇଁ ଏହି ବିଦ୍ୟାର୍ଥୀମାନେ ପଢ଼ାପଢ଼ି କରି ପରୀକ୍ଷା ଦେବାକୁ ବସିଥିଲା ବେଳେ ମହାମାରୀ ଯୋଗୁ ପରୀକ୍ଷା ବାତିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ପରୀକ୍ଷା ହେବ ବୋଲି ସରକାରଙ୍କ ତରଫରୁ ଘୋଷଣା କରାଗଲା। ଅପରପକ୍ଷରେ କରୋନା ଯୋଗୁ ସରକାର ଚଳିତ ବର୍ଷ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ବାତିଲ କରି ସମସ୍ତଙ୍କୁ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ପ୍ରଦାନ ପାଇଁ ଘୋଷଣା କରାଗଲା। କିନ୍ତୁ ପତ୍ର ବିନିମୟ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କୁ ଏଥିରୁ ବଞ୍ଚିତ ହୋଇ ସେମାନଙ୍କୁ ପୁଣି ପରୀକ୍ଷା ଦେବା ପାଇଁ କୁହାଗଲା। ଏହା ପାତରଅନ୍ତର ବୋଲି କହି ବିଦ୍ୟାର୍ଥୀମାନେ ସେମାନଙ୍କୁ ଉତ୍ତୀର୍ଣ୍ଣ କରିବା ପାଇଁ ଦାବି କରିଛନ୍ତି। ଏହା ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଧ ଜଣାଇଛନ୍ତି।

# ଦୃଷ୍ଟିହୀନ ସେବା କେନ୍ଦ୍ରରେ କୋଭିଡ୍ ନିୟମ ଉଲ୍ଲଂଘନ

## ୩ ଜଣିଆ ଟିମ୍‌ର ତଦନ୍ତ, ସୋମବାର ସୁଦ୍ଧା ବନ୍ଦ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୧୮।୬**

ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ଅନ୍ଧପସରା ରୋଡଠାରେ ଥିବା ଓଡ଼ିଶା ଦୃଷ୍ଟିହୀନ ସେବା କେନ୍ଦ୍ରରେ କୋଭିଡ-୧୯ ନିୟମ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। କରୋନା କଟକଣାକୁ ଖାତିର ନକରି ଏଠାକାର ହଷ୍ଟେଲରେ ଅନ୍ତେବାସୀଙ୍କୁ ରଖାଯାଇଥିବା ଜିଲାପାଳଙ୍କ ନିକଟକୁ ଅଭିଯୋଗ ଆସିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ଶୁଭ୍ରାଂଶୁ କୁମାର ମହାରଣାଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଉକ୍ତ କେନ୍ଦ୍ରକୁ ଯାଇ ତଦନ୍ତ କରିଛନ୍ତି। କରୋନା ଲାଗି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ହଷ୍ଟେଲ, ଯତ୍ନଗୃହ ବନ୍ଦ ରଖାଯାଇଛି। ହେଲେ ଏହି ଦୃଷ୍ଟିହୀନ ସେବାକେନ୍ଦ୍ରରେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। କେନ୍ଦ୍ରରେ ପ୍ରାୟ ୩୫ ଜଣ ଦୃଷ୍ଟିହୀନ ଝିଅ ଅଛନ୍ତି। କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଅନ୍ତେବାସୀଙ୍କ ନାଁରେ ବାହାର ଲୋକଙ୍କ ଠାରୁ ଦାନ ଅର୍ଥ ଆଦାୟ ମଧ କରୁଛନ୍ତି। ଏପରିକି ଏହି କେନ୍ଦ୍ରର କାର୍ଯ୍ୟରତ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିଲେ ମଧ କେନ୍ଦ୍ର ବନ୍ଦ କରାଯାଇନାହିଁ ବୋଲି କିଛି ଦିନ ତଳେ ଗଞ୍ଜାମ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ଶୁକ୍ରବାର ଡିଏସଏସଓ ଶୁଭ୍ରାଂଶୁ କୁମାର ମହାରଣାଙ୍କ ନେତୃତ୍ୱରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲା ଶିଶୁ ମଙ୍ଗଳ କମିଟିର ୩ ଜଣିଆ ଏକ ମିଳିତ ଟିମ ଦୃଷ୍ଟିହୀନ ସେବାକେନ୍ଦ୍ରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ ଏହି କେନ୍ଦ୍ରରେ ହଷ୍ଟେଲ ଖୋଲାଥିବା ଓ ୧୫ ନାବାଳିକାଙ୍କୁ ମିଶାଇ ମୋଟ ୩୫ ଜଣ ରହିଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ସୋମବାର ସୁଦ୍ଧା କେନ୍ଦ୍ର ବନ୍ଦ ନ କରାଯାଏ ତେବେ ପୋଲିସ ନିକଟରେ ଅଭିଯୋଗ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହାରଣା ପରିଚାଳକଙ୍କୁ ଚେତାବନୀ ଦେଇଥିବା କହିଛନ୍ତି।

# ବ୍ରହ୍ମପୁର ଆଇଟିଆଇ ରାଜ୍ୟରେ ଶ୍ରେଷ୍ଠ

## ସର୍ବଭାରତୀୟ ସ୍ତରରେ ୧୨ ର୍‍ୟାଙ୍କ୍

**ବ୍ରହ୍ମପୁର ଅଫିସ,୧୮।୬**

ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ସର୍ବଭାରତୀୟ ସ୍ତରରେ ୧୨ତମ ର୍‍ୟାଙ୍କ ହାସଲ କରିଥିବା ବେଳେ ରାଜ୍ୟରେ ଶ୍ରେଷ୍ଠ ସ୍ଥାନରେ ଅଛି। କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ(ଏମ୍‌ଏସ୍‌ଡ଼ିଇ) ଅଧିନସ୍ଥ ଡ଼ିଜିଟି ପକ୍ଷରୁ ଦେଶରେ ଥିବା ସମସ୍ତ ଆଇଟିଆଇର ଗ୍ରେଡ଼ିଂ ହୋଇଥିଲା। ଏଥିରେ ୧୨୩୫୨ ଆଇଟିଆଇ ରହିଥିଲେ। ଶିକ୍ଷାନୁଷ୍ଠାନର ଦକ୍ଷତା, ଛାତ୍ରୀଛାତ୍ରଙ୍କ ପାଠ ପଢା, କ୍ୟାମ୍ପସ ନିଯୁକ୍ତି, ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ, ଅନୁଷ୍ଠାନରେ ପରିବେଶ ସୁରକ୍ଷା ଭଳି ବିଭିନ୍ନ ଦିଗକୁ ନେଇ ବିଚାର ହୋଇଥିଲା। ଏଥିରେ



ବ୍ରହ୍ମପୁର ଆଇଟିଆଇ।

ବ୍ରହ୍ମପୁର ଆଇଟିଆଇ ସର୍ବଭାରତୀୟ ସ୍ତରରେ ୧୨ତମ ସ୍ଥାନ ହାସଲ କରିବା ସହ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବା ଅନୁଷ୍ଠାନର ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ହିଞ୍ଜିଳିକାଟୁ ସରକାରୀ ଆଇଟିଆଇ ସର୍ବଭାରତୀୟ ସ୍ତରରେ ୨୧ ତମ ସ୍ଥାନ ହାସଲ କରିଥିବା ବେଳେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି।

# ବିଜୁ ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର

**ତୁମୁଡିବନ୍ଧ,୧୮୬ (ଡି.ଏନ.ଏ.)**

ତୁମୁଡିବନ୍ଧ ବ୍ଲକର ସିର୍ଲା ଗ୍ରାମକୁ ସଡ଼କ ସଂଯୋଗ ନିମନ୍ତେ ରାହୁଲ ନଦୀ ଉପରେ ନିର୍ମାଣ ହୋଇଥିବା ବିଜୁସେତୁ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ରାଜ୍ୟ ସରକାର ଏକାଧିକ ଯୋଜନା ପ୍ରଣୟନ କରି ଗ୍ରାମାଞ୍ଚଳ ବିକାଶ ଚିତ୍ର ପରିକଳ୍ପନା କରୁଥିବା ବେଳେ ଠିକାଦାରଙ୍କ ଓ ନିର୍ବାହୀ ଯନ୍ତ୍ରୀଙ୍କ ଖମାଖିଆଲ ମନୋଭାବ ଯୋଗୁ ଗ୍ରାମାଞ୍ଚଳ ବିକାଶରୁ ଦୂରରେ ରହିଯାଉଛି।

ସିର୍ଲା ପଞ୍ଚାୟତ ବାସୀ ତୁମୁଡିବନ୍ଧ ଗ୍ରାମକୁ ବ୍ୟାଙ୍କ ସେବା, ସ୍ୱାସ୍ଥ୍ୟ ସେବା କିମ୍ବା ବ୍ଲକ କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟ ପାଇଁ ବର୍ତ୍ତମାନ ୩୦ରୁ ୩୫ କି. ମି. ରାସ୍ତା ଅତିକ୍ରମ କରି କୁର୍ତମଗଡ଼ ଗ୍ରାମ ଦେଇ ଆସିବାକୁ ପଡୁଛି। ଏହା ସେମାନଙ୍କ ପାଇଁ ସମୟ ସାପେକ୍ଷ ଓ ବ୍ୟୟ ବହୁଳ ହୋଇଥାଏ। ସିର୍ଲାରୁ ଟାହିପଡ଼ା ଓ ମାଳିପଡ଼ା ଗ୍ରାମ ଦେଇ ତୁମୁଡିବନ୍ଧ ଆସିଲେ


ନିର୍ମାଣ ହୋଇଥିବା ବିଜୁ ସେତୁ।

ମାତ୍ର ୭ ରୁ ୮ କି. ମି. ଦୂର ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। କିନ୍ତୁ ରାହୁଲ ନଦୀ ବାଧକ ସାଜିଥାଏ ଏହି ରାସ୍ତାରେ। ତେଣୁ ସିର୍ଲା ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପରେ ରାଜ୍ୟ ସରକାର ବିଜୁସେତୁ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ତେବେ ୪ କୋଟି ୯୩ ଲକ୍ଷ ୧୮ ହଜାର ୨୯ ଟଙ୍କା ଅର୍ଥ ବ୍ୟୟ ଅଟକଳରେ ୨୦୧୬ ମେ ୯ରୁ ରାହୁଲ ନଦୀ ବିଜୁସେତୁ ଲୋକାର୍ପିତ ପୂର୍ବରୁ କାନ୍ଥ ଫାଟି ଆଁ କରିଛି। ତେବେ ଏହି ଫାଟିଥିବା କାନ୍ଥ ପୁନଃ ନିର୍ମାଣ କରାଯିବ ବୋଲି କନ୍ଧମାଳ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ଅପରପକ୍ଷେ କାନ୍ଥ ପୁନଃ ନିର୍ମାଣ ନ କରି ସେତୁକୁ ଲୋକାର୍ପିତ କରାଗଲେ ବିକ୍ଷୋଭ କରିବୁ ବୋଲି ସିର୍ଲା ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

# ଯୌତୁକଜନିତ ହତ୍ୟା ଅଭିଯୋଗ: ସ୍ୱାମୀ, ଶ୍ୱଶୁର ଗିରଫ

**ଶେରଗଡ,୧୮।୬(ଡି.ଏନ୍.ଏ.)**

ଶେରଗଡ ଥାନା ପି. ଖିରିଡା ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଓ ଶ୍ୱଶୁରଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସ୍ୱାମୀ ପ୍ରସନ୍ନ ବିଷୋୟୀ ଓ ଶ୍ୱଶୁର ଅରକ୍ଷିତ ବିଷୋୟୀ। ମାମଲା ନଂ. ୯୯/୨୧ରେ ଉଭୟଙ୍କୁ ଶେରଗଡ଼ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ୨୦୧୭ ମସିହାରେ ଶେରଗଡ ବ୍ଲକ ଭୁଷୁଣ୍ଡା ଗ୍ରାମର ସନ୍ୟାସୀ ସ୍ୱାଇଁଙ୍କ ଝିଅ ଝିଲିଙ୍କ ସହ ପି. ଖିରିଡା ଗ୍ରାମର ପ୍ରସନ୍ନଙ୍କ ବିବାହ ହୋଇଥିଲା। ବିବାହ ବେଳେ ସମସ୍ତ ଜାନିଯୌତୁକ ଦିଆଯାଇଥିଲା। ବିବାହର ୩ ବର୍ଷ ପରେ ସନ୍ତାନସନ୍ତତି ନ ହେବାରୁ ପରିବାର ଲୋକେ ଝିଲିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ବାପଘରୁ ଆଉ ଅଧିକ ଯୌତୁକ ଆଣିବାକୁ କହୁଥିଲେ। ଏ ସମ୍ପର୍କରେ ଝିଲି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଗତ ୧୬ ତାରିଖରେ ଝିଲିଙ୍କ ମୃତ୍ୟୁ ଘଟିଥିବା ଭୁଷୁଣ୍ଡା ଗ୍ରାମକୁ ଖବର ଯିବାରେ ବାପା ଓ ଭଉଣୀ ଆସି ଝିଲିଙ୍କୁ ହତ୍ୟା କରାଯାଇଥିବା ନେଇ ଶେରଗଡ଼ ଥାନାରେ ଜଣାଇଥିଲେ।

# ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର



ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

**ଦଶପଲ୍ଲା, ୧୮।୬ ( ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ବାଣିଗୋଛା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଦ୍ୱାରା ଆୟୋଜିତ ଓଡ଼ିଶା ମୋ ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ରେଡକ୍ରସ ଟିମ୍ ଡାକ୍ତର, ସହଯୋଗୀମାନଙ୍କ ଦ୍ୱାରା ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ ଅଧକ୍ଷା ଉପେନ୍ଦ୍ର କୁମାର ସାହୁ, ଉପାଧକ୍ଷ ବସନ୍ତ କୁମାର ସାହୁ, ମହାବିଦ୍ୟାଳୟ ଅଧକ୍ଷ, ବାଣିଗୋଛା ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ବିଜୁ ଯୁବ ଓ ଛାତ୍ର ଦଳର ସଭାପତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ରିମାଣ୍ଡରେ ଗଲେ ହତ୍ୟା ଅଭିଯୁକ୍ତ

## ଶିଶୁକନ୍ୟା ବଳାତ୍କାର, ହତ୍ୟା ଘଟଣା

**ନୟାଗଡ଼ ଅଫିସ,୧୮।୬**

ନୟାଗଡ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ନୂଆଗାଁ ପଞ୍ଚାୟତ ଧୁନ୍ଦୁଗାଡିଆ ଅଞ୍ଚଳରେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ଅଭିଯୁକ୍ତ ସାଗର ଦଳେଇ(୨୨)ଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ନୟାଗଡ ପୋକ୍‌ସେ କୋର୍ଟଙ୍କ ଅନୁମତି ଦେଇଛନ୍ତି। ୭ ଦିନିଆ ରିମାଣ୍ଡରେ ନେବାକୁ ପୋଲିସ ଆବେଦନ କରିଥିଲା। ସରକାରୀ ଓକିଲ ଅମୀୟ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ଧୁନ୍ଦୁଗାଡିଆ ଅଞ୍ଚଳର ଗାଁ ଦାଣ୍ଡରେ ଗତ ୧୨ତାରିଖରେ ଖେଳୁଥିବାବେଳେ ଜଣେ ୫ ବର୍ଷିୟା ଶିଶୁ କନ୍ୟା ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ଗାଁ ଦାଣ୍ଡ, ସ୍ଥାନୀୟ ଅଞ୍ଚଳ, ବିଭିନ୍ନ ଜଳାଶୟ, ବନ୍ଧୁ ବାନ୍ଧବ ଘର ଖୋଜାଖୋଜି ପରେ ଟେର ମିଳି ନ ଥିଲା। ପୋଲିସ ବି ଟେର ପାଇ ନ ଥିଲା। ତେବେ ୧୭ ତାରିଖରେ ହତ୍ୟାକାରୀ ସାଗର ଗିରଫ ହୋଇଥିଲେ। ୧୮ ତାରିଖରେ କୋର୍ଟ ଚାଲାଣ ପରେ ନୟାଗଡ଼ ସବ୍‌ଜେଲରେ ଥିଲେ। ଅନ୍ୟପକ୍ଷେ ଶିଶୁକନ୍ୟାଙ୍କ ଗଳିତ ମୃତଦେହ ମୁଣ୍ଡ ଗଣ୍ଡି ଅଲଗା ହୋଇ ଉଦ୍ଧାର ହୋଇଥିଲା। ସାଗର ନାଁରେ ଅପହରଣ, ବଳାତ୍କାର ଓ ହତ୍ୟା ଦଫା ରହିଛି। ପୋଲିସ ଫାଇନାଲ ଚାର୍ଜସିଟ୍ ଦାଖଲ କରିବା ସହ କେସ୍‌କୁ ମଜଭୁତ୍ କରିବାକୁ ସାଗରଙ୍କୁ ରିମାଣ୍ଡରେ ନେଇଛି ବୋଲି କହିଛି।

# ବଡ଼ଭାଇ ଖଣ୍ଡା ଚୋଟରେ ସାନ ମୃତ

**ଆସିକା,୧୮।୬ (ଡି.ଏନ୍.ଏ.)**

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ବଡ଼ଭାଇର ଖଣ୍ଡା ଚୋଟରେ ସାନଭାଇର ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗ୍ରାମର ସଞ୍ଜୟ କୁମାର ପ୍ରଧାନ । ଅଭିଯୁକ୍ତ ବଡ଼ଭାଇ ଫେରାର୍ ଅଛନ୍ତି। ଏ ନେଇ ବାପା ରାମଚନ୍ଦ୍ର ପ୍ରଧାନଙ୍କ ଏତଲାକ୍ରମେ ନଂ. ୩୮୨/୨୧ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଆକ୍ରମଣକାରୀ ବଡ଼ଭାଇ ବିବାହ ନିମନ୍ତେ ମନା କରିବାରୁ ଗତ ୧ ମାସ ପୂର୍ବେ ସଞ୍ଜୟଙ୍କ ବିବାହ ହୋଇଥିଲା। ପରିବାରରେ ଅଶାନ୍ତି ଲାଗି ରହିବାରୁ ସଞ୍ଜୟ ସ୍ତ୍ରୀଙ୍କ ନେଇ କବିସୂର୍ଯ୍ୟନଗର ଠାରେ ରହୁଥିଲେ । ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ସଞ୍ଜୟ ଗାଁକୁ ଆସିଥିଲେ। କୌଣସି ଏକ କଥାକୁ ନେଇ ବଡଭାଇ ତାଙ୍କ ସହ ଯୁକ୍ତିତର୍କ କରିବା ପରେ ଖଣ୍ଡାରେ ଚୋଟ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

# କଦଳୀ ଚୋରି କରି ହତ୍ୟା କରିଥିବା ଅଭିଯୁକ୍ତ ଜେଲ ଗଲେ


ଅଭିଯୁକ୍ତ କାଠିଆ ସ୍ୱାଇଁଙ୍କୁ କୋର୍ଟ ଚାଲାଣ କରାଯାଉଛି।

**ଖଣ୍ଡପଡା,୧୮।୬ (ସ୍ୱ.ପ୍ର)**

କଦଳୀ ଚୋରି କରି ଧରାପଡିବା ପରେ ଛୁରୀ ଭୁସି ହତ୍ୟା କରିଥିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖଣ୍ଡପଡା ଥାନା ଅଧୀନ ବେଣାଗାଡିଆ ପଞ୍ଚାୟତ କାଦୁଆ ଗାଁର ରମେଶ ମଳିକଙ୍କୁ ଛୁରୀ ଭୁସି ହତ୍ୟା କରିଥିବା ବେଣାଗାଡିଆ ଗାଁର କାଠିଆ ସ୍ୱାଇଁଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଖଣ୍ଡପଡା ଉପକାରାଗାରକୁ ପଠାଇ ଦିଆଯାଇଛି।

# ରାଧାମୋହନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ଓଡ଼ଗାଁ, ୧୮।୬ (ସ୍ୱ.ପ୍ର.)**

ନୟାଗଡ଼ ଜିଲାର ଓଡ଼ଗାଁ ଅଞ୍ଚଳରୁ ପଦ୍ମଶ୍ରୀରେ ଭୂଷିତ ହୋଇଥିବା ରାଧାମୋହନଙ୍କ ବିୟୋଗରେ ଶୁକ୍ରବାର ତାଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସାଧାରଣ ସୁବିଧା କେନ୍ଦ୍ରରେ ଜିଲାପରିଷଦ ସଦସ୍ୟ ଲୋକନାଥ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବସନ୍ତ କୁମାର ମିଶ୍ର ଓ ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ଅଧିବାସ ପଣ୍ଡା ମଞ୍ଚାସୀନ ଥିଲେ। ୫୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ ମୁଖ୍ୟବକ୍ତା ଭାବେ ରାଧାମୋହନଙ୍କ ସ୍ମୃତିଚାରଣ କରିଥିଲେ। ଅଶୋକ କୁମାର ମହାପାତ୍ର, ଦିବାକର ନାୟକ, ବନମାଳୀ ଦାଶ, ରଞ୍ଜନ କୁମାର ଦାଶ, ଶିକ୍ଷାବିତ୍ ଗୌରହରି ସାହୁ ଓ ପରିବେଶବିତ୍ ସୁକାନ୍ତ କୁମାର ଚୌଧୁରୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହ ଗୋଟିଏ ଲେଖାଏ ଗଛ ଲଗାଇଲେ ଏହା ରାଧାମୋହନଙ୍କ ନିମନ୍ତେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ ବିଭୁ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ନିର୍ମାଣ ନ ହେଲେ ଅସହଯୋଗ

**ଛତ୍ରପୁର,୧୮।୬ (ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ଠୁରୁବୁରାଇ ପଞ୍ଚାୟତ କଣଭାଗ ଗାଁରୁ ମୁଖ୍ୟରାସ୍ତାକୁ ଭଲ ରାସ୍ତା ନାହିଁ । ଗାଁକୁ ସ୍ଥାୟୀ ରାସ୍ତା ନ ଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ମାରୁଡି ଜଗନ୍ନାଥପୁରରୁ କଣଭାଗ ଗାଁ ଦେଇ ପିଡ଼୍‌ବ୍ଲୁ ରାସ୍ତାରେ ମିଶିବା ଯୋଜନା ରହିଛି। ଏଥିଲାଗି ସ୍ଥାୟୀ ରାସ୍ତା ନିର୍ମାଣ କରିବା ନେଇ ଗ୍ରାମବାସୀ ଅନୁରୋଧ କରିଛନ୍ତି। ରାସ୍ତା ନିର୍ମାଣ କରା ନ ଗଲେ ଗ୍ରାମବାସୀ ସମସ୍ତ ସରକାରୀ ତଥା ଉର୍ଣ୍ଣୟନମୂଳକ ଯୋଜନାକୁ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଛତ୍ରପୁର ଆସି ଜିଲ୍ଲାପାଳ ଙ୍କୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ଚାରାରୋପଣ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

**ଭଞ୍ଜନଗର,୧୮।୬(ଡି.ଏନ.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଘୁମୁସର ଦକ୍ଷିଣ ବନଖଣ୍ଡରେ ଚଳିତ ବର୍ଷ ପ୍ରାୟ ୪୦ ଲକ୍ଷ ଚାରାରୋପଣ କରାଯିବ। ଜୁଲାଇ ପହିଲାରୁ ଚାରା ସାଧାରଣ ଜନତାଙ୍କୁ ବଣ୍ଟନ କରାଯିବା ସହ ବିଭାଗ ପକ୍ଷରୁ ଜଙ୍ଗଲରେ ଚାରାରୋପଣ କାର୍ଯ୍ୟ ଆରମ୍ଭ ହେବ। ଯୋଜନାର ସଫଳ ରୂପାୟନ ପାଇଁ ଗୁରୁବାର ମୁଜାଗଡ଼ ବନ ବିଭାଗ ଡାକ ବଙ୍ଗଳାରେ ଉତ୍ତର ଘୁମୁସର ବନଖଣ୍ଡର ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧକ୍ଷତା କରି ବନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଯଦି କୈଣସି କର୍ମଚାରୀ ଅବହେଳା କରିବାର ଦୃଷ୍ଟିକୁ ଆସେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପରୋକ୍ଷରେ ସୂଚାଇ ଦେଇଥିଲେ ।

# ସବୁ ଗାଁରେ ନଡ଼ିଆ ଚାରାରୋପଣ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେବ ତ୍ୱରାନ୍ୱିତ

**ଛତ୍ରପୁର,୧୮।୬ (ଡି.ଏନ୍.ଏ.)**

କରୋନା ମହାମାରୀ ବେଳେ ଗଞ୍ଜାମ ଜିଲା ପ୍ରଶାସନ ଲୋକଙ୍କ ଜୀବନ ଜୀବିକା ଉପରେ ଗୁରୁତ୍ୱ ଦେଉଛି। ଜିଲାର ୨୨ ବ୍ଲକ ଅଧୀନ ୫୦୩ ପଞ୍ଚାୟତର ସମସ୍ତ ଗାଁରେ ଶୁକ୍ରବାର ନଡ଼ିଆ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏମଜିଏନଆର୍‌ଇଜିଏସରେ ଏହା ତ୍ୱରାନ୍ୱିତ ହେବାକୁ ଥିବା ବେଳେ ଏଥିରେ ଲୋକେ କାମ ପାଇପାରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଛତ୍ରପୁର ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ ସୀତାରାମପୁର ଗାଁରେ ନଡ଼ିଆ ଚାରାରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଚମାଖଣ୍ଡି ସରପଞ୍ଚ ସୁସ୍ମିତା ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ନିରଞ୍ଜନ ପଣ୍ଡା, ଏପିଓ ଅର୍ଚ୍ଚିତା ପାଣିଗ୍ରାହୀ ପ୍ରମୁଖ ଚାରାରୋପଣ କରିଥିଲେ। ପ୍ରତି ନଡ଼ିଆ ଚାରାରୋପଣ ପାଇଁ ଏମଜିଏନଆର୍‌ଇଜିଏସ ଅନୁଦାନରୁ ୨୧୪୩ ଟଙ୍କା ଦିଆଯାଉଛି।


ଚାରା ରୋପଣ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟ ବ୍ଲକ ଓ ପୌରାଞ୍ଚଳରେ ସବୁଜିମା ବଳୟ ସୃଷ୍ଟି ପାଇଁ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଯୋଗ ଦେଇଥିଲେ। ବ୍ଲକର ୨୧ ପଞ୍ଚାୟତରେ ମୋଟ ୨୧୧୨ ନଡ଼ିଆ ଚାରା ରୋପଣ କରାଯାଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆଉ ୧୦୦୦୦ ନଡ଼ିଆ ଚାରା ରୋପଣ କରାଯିବ ବୋଲି ବିଡ଼ିଓ ସୁବ୍ରତ କୁମାର ଜେନା କହିଛନ୍ତି।

**ଆସିକା:** ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସିରେ ବିଭିନ୍ନ ୱାର୍ଡରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ, ବିଡିଓ ରୋସନ ଶତପଥୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେ, ତହସିଲଦାର ସଦାନନ୍ଦ ସେଠୀ, ଯୁବନେତା ନଚିକେତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏସିର ୮ନମ୍ବର ୱାର୍ଡ ଗଣ୍ଡପଲ୍ଲୀ ରାସ୍ତାରେ ସୌନ୍ଦର୍ଯ୍ୟକରଣ ଚାରା ରୋପଣ କରାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। **ଶେରଗଡ଼:** ଶେରଗଡ ବ୍ଲକର ୨୨ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୨୫୦ ନଡିଆ ଚାରା ରୋପଣ କରାଯାଇଛି। ବିଡିଓ ଶମ୍ଭୁନାଥ ନନ୍ଦି ,ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ,ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁ ପ୍ରସାଦ ପଣ୍ଡା ପ୍ରମୁଖ ପ୍ରଥମେ ଗାବିନ୍ଦପୁର, ଠୁରୁବୁରାଇ, ଗୋଠଗାଁ, କୁରୁଳା, ଅଲାରିଗଡ ପଞ୍ଚାୟତକୁ ଯାଇ ନଡିଆଚାରା ରୋପଣ କରିଛନ୍ତି। **ବୁଗୁଡ଼ା:** ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଚିତ୍ର ନଗରଠାରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ୍ ଶୁଭାରମ୍ଭ କରିଥିଲେ।